# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 11 December – 2025

*******************************

## ମୁଖ୍ୟ ସମ୍ବାଦ

- ଯୁବପିଢ଼ି ସମୃଦ୍ଧ ଓଡ଼ିଶାର ନେତୃତ୍ୱ ନେବେ; କହିଲେ ମୁଖ୍ୟମନ୍ତ୍ରୀ

– ଭୁବନେଶ୍ୱରରେ ୨ ହଜାର ୬୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୫୯୧ ଜଣଙ୍କୁ ଦେଲେ ନିଯୁକ୍ତିପତ୍ର

- 'ବନ୍ଦେ ମାତରମ୍' ଦେଶର ଆତ୍ମାକୁ ଜାଗ୍ରତ କରି ସଂସ୍କୃତି ସହ ସଂଯୋଗ ସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଥାଏ; ରାଜ୍ୟସଭାରେ କହିଲେ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା

- ମାଲକାନଗିରି ଉତ୍ତେଜନା ଘଟଣାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଏବଂ

- ଶୀତର ଲହରି ବୃଦ୍ଧି ପାଇବା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ନିଯୁକ୍ତିମେଳା

ଆସନ୍ତା ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମାନବ ସମ୍ବଳର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଓ.ୟୁ.ଏ.ଟି.ସ୍ଥିତ କୃଷି ଶିକ୍ଷା ସଦନଠାରେ ତିନୋଟି ବିଭାଗର ୫୯୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବଶକ୍ତି ହିଁ ସମୃଦ୍ଧ ଓଡ଼ିଶାର ନେତୃତ୍ୱ ନେବେ। ସରକାର ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନେଉଛନ୍ତି। ୫ ବର୍ଷ ମଧ୍ୟରେ ଦେଢ଼ ଲକ୍ଷ ସରକାରୀ ନିଯୁକ୍ତି ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ ହେବ। ଏହିକ୍ରମରେ ଗତ ୧୭ ମାସ ମଧ୍ୟରେ ୧୩ଟି ନିଯୁକ୍ତି ମେଳା ମାଧ୍ୟମରେ ମୋଟ୍ ୩୭ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ଭାରତ ବିକାଶର ଦ୍ୱାର ହେବ ଏବଂ ଓଡ଼ିଶା ଏହାର କେନ୍ଦ୍ରବିନ୍ଦୁ ସାଜିବ।

**- V/O -**

ଶ୍ରୀ ମାଝୀ କହିଛନ୍ତି, ୨୦୨୯ ମସିହା ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୨୫ କୋଟି ଟଙ୍କାର ନୂତନ ଜଳସେଚନ କାର୍ଯ୍ୟର

ଉଦ୍‌ଘାଟନ କରିବା ସହ ୨ ହଜାର ୬୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

Desk

## ବନ୍ଦେ ମାତରମ୍

ଜାତୀୟ ଗୀତ 'ବନ୍ଦେ ମାତରମ୍' ଏମିତି ଏକ ମନ୍ତ୍ର ଯାହା ଦେଶର ଆତ୍ମାକୁ ଜାଗୃତ କରିବା ସହ ଦେଶର ସଂସ୍କୃତି ସହ ସଂଯୋଗ ସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଥାଏ ବୋଲି କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି। ରାଜ୍ୟସଭାରେ ଆଜି 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ହେଉଥିବା ଆଲୋଚନାର ସମାପ୍ତି କରିବା ଅବସରରେ ଶ୍ରୀ ନଡ୍ଡା କହିଛନ୍ତି, 'ବନ୍ଦେ ମାତରମ୍' ସମସ୍ତଙ୍କ ପାଇଁ ଭାବାତ୍ମକ ପ୍ରେରଣାର ଉତ୍ସ। ଏହା ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିଛି। 'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମ ସମୟରେ ଘଟିଥିବା ଅନେକ ଐତିହାସିକ ଘଟଣାର ସାକ୍ଷୀ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ସେ କହିଛନ୍ତି, ଗତ ଦୁଇଦିନ ମଧ୍ୟରେ 'ବନ୍ଦେ ମାତରମ୍' ସମ୍ପର୍କିତ ଆଲୋଚନାରେ ୮୦ରୁ ଅଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ମାଧ୍ୟମରେ ଯୁବପିଢ଼ି 'ବନ୍ଦେ ମାତରମ୍' ସଂଗୀତ ବିଷୟରେ ଗଭୀର ଜ୍ଞାନ ଆରୋହଣ କରିପାରିବେ ବୋଲି ଶ୍ରୀ ନଡ୍ଡା କହିଛନ୍ତି।

I&PR

## ବୈଷୟିକ ପ୍ରଶିକ୍ଷଣ

ରାଜ୍ୟ ଶ୍ରମ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କାରଖାନାର ଗ୍ୟାସ ମେସିନ୍‌ର ସୁରକ୍ଷିତ ପରିଚାଳନା ସମ୍ପର୍କରେ ଏକ ରାଜ୍ୟସ୍ତରୀୟ ବୈଷୟିକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ କର୍ମଶାଳାରେ କାରଖାନା ଓ ଗ୍ୟାସ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ଗ୍ୟାସ ପରିଚାଳକମାନେ ପରିଚାଳନା ଜନିତ ତ୍ରୁଟିକୁ ତ୍ୱରିତ ଅଧିକାରୀଙ୍କୁ ଅବଗତ କରାଇବା ସହ ସମୟ ବ୍ୟବଧାନରେ ମରାମତି କରାଇବା ଦ୍ୱାରା ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରି ହେବ ବୋଲି କହିଛନ୍ତି। ପ୍ରତିଷ୍ଠାନ ପକ୍ଷରୁ ୬୨ ଜଣ ସ୍ୱୀକୃତିପ୍ରାପ୍ତ ସୁରକ୍ଷା ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

HS

## ବିସ୍ଫୋରକ ସାମଗ୍ରୀ ଲୁଟ୍

ସୁନ୍ଦରଗଡ଼ ଜିଲ୍ଲାର ଏକ ପଥର ଖଣିକୁ ବିସ୍ଫୋରକ ପରିବହନ ସମୟରେ ପ୍ରାୟ ୪ ହଜାର କିଲୋଗ୍ରାମ ବିସ୍ଫୋରକ ଲୁଟ୍ ମାମଲାରେ ଆଜି ରାଷ୍ଟ୍ରୀୟ ତଦନ୍ତ ସଂସ୍ଥା-ଏନ୍.ଆଇ.ଏ. ୧୧ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗପତ୍ର ଦାଖଲ କରିଛି। ଅଭିଯୁକ୍ତମାନେ ପ୍ରାୟ ୨୦୦ ବିସ୍ଫୋରକ ପ୍ୟାକେଟ୍ ଲୁଟ୍ ଯୋଜନା ଓ ଏହାକୁ କାର୍ଯ୍ୟକାରୀ କରିବାରେ ସାମିଲ ଥିଲେ ବୋଲି ଏନ୍.ଆଇ.ଏ ପକ୍ଷରୁ କୁହାଯାଇଛି।

Malkangiri/R/V

# ଗାଁ ସମାଧାନ ବୈଠକ

ମାଲକାନଗିରି ଜିଲ୍ଲାର ଏମ୍.ଭି.-୨୬ ଓ ରାଖେଲଗୁଡ଼ା ଗାଁ ମଧ୍ୟରେ ଘଟିଥିବା ଉତ୍ତେଜନାସ୍ଥିତି ଓ ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶ୍ରୀ ସିଂହଦେଓ ଉଭୟ ସମ୍ପ୍ରଦାୟର ପ୍ରତିନିଧିଙ୍କ ଅଭିଯୋଗ ଶୁଣିବା ସହ ଦାବିପତ୍ର ଗ୍ରହଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସହ ଆଇନ ଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି ପାଳନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

**- V/O -**

ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମୀ କେଶରୀ ମହାପାତ୍ର, ଡି.ଆଇ.ଜି. କନଓ୍ୱର ବିଶାଳ ସିଂହ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଉପସ୍ଥିତ ଥିଲେ। ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ କଟକଣାକୁ ଆଉ ୧୨ଟା ଘଣ୍ଟା ଅର୍ଥାତ୍ ଆଜି ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

Nuapada

## ହିଂସା ନିରାକରଣ ସଚେତନ

ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନ ପକ୍ଷ-୨୦୨୫ର  ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ମହିଳାମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ପ୍ରତି ହେଉଥିବା ହିଂସାକୁ ରୋକିବା ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

BHK

## କଇଁଛଙ୍କ ସୁରକ୍ଷା

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରାଠାରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନଖଣ୍ଡ, ସାମୁଦ୍ରିକ ଥାନା, ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେବା ସହ ରକ୍ଷଣାବେକ୍ଷଣ ପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି।

Nuapada

## ଆଇନସେବା ପ୍ରାଧିକରଣ ସଚିବଙ୍କ ଗସ୍ତ

ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଥିବା ନବପ୍ରଭା ମୁକ୍ତ ଆଶ୍ରୟସ୍ଥଳୀ ଓ ଉତ୍କଳ ବାଳାଶ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନବନିତା

ଦାସ ଗସ୍ତ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଛନ୍ତି । ଅନ୍ତେବାସୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ସହ ଶିକ୍ଷା ଗ୍ରହଣ ପାଇଁ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଛନ୍ତି ।

Desk

## ରେଳଲାଇନ୍ ସଂଯୋଗୀକରଣ

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ରାଜଆଠଗଡ଼ ଏବଂ ଜୋରନ୍ଦା ରୋଡ୍ ମଧ୍ୟରେ ତୃତୀୟ–ଚତୁର୍ଥ ଲାଇନ୍‌ର କାର୍ଯ୍ୟକ୍ଷମତା ସହ ରେଳଲାଇନ୍ ସଂଯୋଗୀକରଣ କାର୍ଯ୍ୟ ପାଇଁ କେତେକ ରେଳ ଚଳାଚଳ ମାର୍ଗରେ ପୁନଃସଂଶୋଧନ କରାଯାଇଛି । ଭୁବନେଶ୍ୱର–ପଲାସା ମେମୁ, ଖଡ଼ଗପୁର–ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ୍ ଏବଂ କଟକ–ଭଦ୍ରକ ମେମୁ ରେଳ ଚଳାଚଳକୁ କିଛିଦିନ ବାତିଲ କରାଯିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲିଠାରୁ ୧୯ ତାରିଖ ମଧ୍ୟରେ ଧନବାଦ–ଭୁବନେଶ୍ୱର ସ୍ପେଶାଲ ଟ୍ରେନ୍  ନୟାଗଡ଼–ଯଖପୁରା–କଟକ–ଭୁବନେଶ୍ୱର ମଧ୍ୟ ଦେଇ ଚାଲିବ । ଆସନ୍ତା ଶନିବାର ଦିନ ଭୁବନେଶ୍ୱର–ଆନନ୍ଦବିହାର ଟର୍ମିନାଲ ସୁପରଫାଷ୍ଟ ଏକ୍ସପ୍ରେସ୍ ଭୁବନେଶ୍ୱର–ନରାଜ ମଧ୍ୟ ଦେଇ ଯାତାୟାତ କରିବ ।

Desk

# ପର୍ବତ ଦିବସ

ପରିବେଶ ପାଇଁ ପର୍ବତର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ପର୍ବତ ଦିବସ ପାଳନ କରାଯାଉଛି । ୨୦୦୨ ମସିହାରେ ଜାତିସଂଘ ସାଧାରଣ ସଭାରେ ଡିସେମ୍ବର ୧୧ ତାରିଖରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ଚଳିତ ବର୍ଷ **ପାହାଡ଼ ଓ ଏହା ବାହାରେ ଜଳ ଖାଦ୍ୟ ଏବଂ ଜୀବିକା ପାଇଁ ହିମବାହ ଗୁରୁତ୍ୱପୂର୍ଣ୍ଣ** ବିଷୟବସ୍ତୁ ନେଇ ପର୍ବତ ଦିବସ ପାଳନ କରାଯାଉଛି ।

Boudh

## ମାନବାଧିକାର ଦିବସ ପାଳିତ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। କଣ୍ଟାମାଳ ତାଲୁକ ଆଇନସେବା ସମିତିର ଅଧ୍ୟକ୍ଷ ଓ ବରିଷ୍ଠ ଆଇନଜୀବୀମାନେ ଯୋଗଦେଇ ବ୍ୟକ୍ତିର ସ୍ୱାସ୍ଥ୍ୟଗତ ଅଧିକାର ସମେତ ବିଭିନ୍ନ ମାନବାଧିକାର ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

Desk

# ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ଶୀତର ଲହରି ଜାରି ରହିଛି । ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲା ସମେତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ

ଶୀତ ଅନୁଭୂତ ହୋଇଛି। ଗତକାଲି କୋରାପୁଟର ସେମିଳିଗୁଡ଼ାଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୫ ଡିଗ୍ରୀ ସେଲସିୟସ ରହିଥିବା ବେଳେ କନ୍ଧମାଳର ଜି.ଉଦୟଗିରିରେ ତାପମାତ୍ରା ୪ ଡିଗ୍ରୀ ସେଲସିୟସ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ୧୬ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରି ବୃଦ୍ଧି ପାଇବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, କେନ୍ଦ୍ରପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। କନ୍ଧମାଳରେ ଶୀତର ପ୍ରକୋପ ଜାରି ରହିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ତାପମାତ୍ରା ୫ ଡିଗ୍ରୀ ସେଲସିୟସ ତଳେ ରେକର୍ଡ କରାଯାଇଛି। ଏ ସମ୍ପର୍କରେ କନ୍ଧମାଳରୁ ଶୁଣନ୍ତୁ ଆମ ସମ୍ବାଦଦାତା ଉତ୍ପଳ କୁମାର ସାହୁଙ୍କ ରିପୋର୍ଟ...

**- V/O -**